بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୨ ଜୁନ୍ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ଼୍

# ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କ ଦାନ ତଥା ସାହାଯ୍ୟ କରିବାର୍ ସୁନ୍ଦର୍ ଚରିତ୍ର ଆଲୋକରେ ମହାଭାଗଙ୍କ ପବିତ୍ର ସଭାବର୍ ହୃଦୟଗ୍ରାହୀ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ଓ୍ୱ ଇୟ୍ୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ସୁରଃ ବକରାଃର ଆୟତ ସଂଖ୍ୟା ୨୭୫ ଓ ସୁରଃ ଜାରିୟାତ୍‌ର ଆୟତ ସଂଖ୍ୟା ୨୦ର ମଧ୍ୟ ଆବୃତ୍ତି କଲେ ଏବଂ କହିଲେ; ପ୍ରଥମ ଆୟତ ଯାହାକି ମୁଁ ପାଠ କରି ଆସିଲି, ତାହାର ଅନୁବାଦ ଏହିପରି- ଯେଉଁମାନେ ଦିବାରାତ୍ର ନିଜର ଧନକୁ ଗୋପନରେ ଓ ପ୍ରକାଶରେ ବ୍ୟୟ କରନ୍ତି, ସେମାନଙ୍କ ପାଇଁ ସେମାନଙ୍କ ପାଳନକର୍ତ୍ତାଙ୍କ ନିକଟରେ ପୁରସ୍କାର ଗଚ୍ଛିତ ଅଛି । ସେମାନେ ଭୟଭୀତ ହେବେ ନାହିଁ କି ଦୁଃଖିତ ହେବେ ନାହିଁ । ଦ୍ୱିତୀୟ ଅର୍ଥାତ୍ ସୁରଃ ଜାରିୟାତ୍ ଯହିଁରେ ସର୍ବଶକ୍ତିମାନ ଅଲ୍ଲାଃ କହିଛନ୍ତି; ସେମାନଙ୍କ ଧନସମ୍ପତ୍ତିରେ ଭିକ୍ଷୁକମାନଙ୍କର ମଧ୍ୟ ଭାଗ ରହିଥିଲା ଏବଂ ଯେଉଁମାନେ ଭିକ୍ଷା ମାଗି ପାରୁ ନଥିଲେ, ସେମାନଙ୍କର ବି ଭାଗ ରହିଥିଲା ।

ଆଜି ମୁଁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କର ଦାନଶୀଳତା ଓ ଉଦାରତାର ଆଦର୍ଶ ସମ୍ପର୍କିତ କିଛି ପ୍ରସଙ୍ଗ ବର୍ଣ୍ଣନା କରିବି । ଏହି ପ୍ରସଙ୍ଗଗୁଡ଼ିକରୁ ଜଣା ପଡୁଛି ଯେ ମହାଭାଗଙ୍କ ଆଚରଣ କିପରି ମହାନ ଓ ପବିତ୍ରମୟ ଥିଲା ଏବଂ ହୁଜୁର[ସ.ଅ] କିପରି ବାରମ୍ବାର ବିଶ୍ୱାସୀମାନଙ୍କୁ ଏହି ବିଷୟରେ ଦୃଷ୍ଟି ଆକର୍ଷଣ କରୁଥିଲେ । ପବିତ୍ର କୁରଆନରେ ଅଲ୍ଲାଃତାଲା ଅଭାବୀ ଲୋକମାନଙ୍କ ଆବଶ୍ୟକତା ପୂରଣ କରିବା ଦିଗରେ ବହୁତ ଗୁରୁତ୍ୱ ଦେଇଛନ୍ତି, ହଜରତ ମୁହମ୍ମଦ[ସ.ଅ] ମଧ୍ୟ ଏହି ଦିଗରେ କେବଳ ନିଜ ହିତବାଣୀ ଦ୍ୱାରା ନୁହେଁ, ବରଂ ନିଜର ବ୍ୟବହାରିକ ଉଦାହରଣ ମାଧ୍ୟମରେ (ଆମମାନଙ୍କର) ବିଶେଷ ଧ୍ୟାନ ଆକର୍ଷିତ କରିଛନ୍ତି । ହଜରତ ଅନସ୍[ର.ଅ] ବର୍ଣ୍ଣନା କରିଛନ୍ତି, ହୁଜୁର[ସ.ଅ] ଏହି ପ୍ରାର୍ଥନା ପୂର୍ଣ୍ଣ ଶବ୍ଦଗୁଡ଼ିକ ସହିତ ପ୍ରାର୍ଥନା କରୁଥିଲେ; ହେ ଅଲ୍ଲାଃ ! ମୁଁ କୃପଣତା, ଆଳସ୍ୟ, ଅତି ବାର୍ଦ୍ଧକ୍ୟ ଓ କବରର କଷ୍ଟରୁ ତଥା ଜୀବନ ଏବଂ ମୃତ୍ୟୁର ବିପଦରୁ ତୁମ୍ଭର ଶରଣ ଭିକ୍ଷା କରୁଅଛି । ସେହିପରି ହଜରତ ଅନସ୍[ର.ଅ] ବର୍ଣ୍ଣନା କରିଛନ୍ତି; ପବିତ୍ର ଅବତାର ଏହି ପ୍ରାର୍ଥନା କରୁଥିଲେ; اَللّٰهُمَّ اِنِّيْ اَعُوْذُبِكَ مِنَ الْهَمِّ وَالْحُزْنِ، وَالْعَجْزِ وَالْكَسَلِ، وَالْجُبْنِ وَالْبُخْلِ، وَضَلَعِ الدَّيْنِ وَغَلَبَةِ الرِّجَالِ ଅର୍ଥାତ୍ ହେ ଅଲ୍ଲାଃ ! ମୁଁ ଚିନ୍ତା, ଦୁଃଖ, କୃପଣତା, ଆଳସ୍ୟ, ଅସହାୟ ଓ କାପୁରଷତାରୁ ଏବଂ ଋଣର ଭର ବଢ଼ି ଯିବାରୁ ତଥା ଲୋକମାନଙ୍କର ପ୍ରାଧାନ୍ୟ (ଅର୍ଥାତ୍ ଚାପ)ରୁ ତୁମ୍ଭର ଶରଣପନ୍ନ ହେଉଅଛି ।

ଅଲ୍ଲାଃଙ୍କ ମାର୍ଗରେ ବ୍ୟୟ କରିବା ବିଷୟରେ ମହାଭାଗ ଏହି ଉପଦେଶ ଦେଇଛନ୍ତି ଯେ, ନିଜ ଥଳିର ମୁହଁ ବାନ୍ଧି ରଖ ନାହିଁ, ନଚେତ୍ ତୁମ ଠାରୁ ମଧ୍ୟ (ସେହି ସୁଫଳ) ରୋକି ଦିଆଯିବ । ପୁଣ୍ୟଶ୍ଳୋକ ଆହୁରି

କହିଛନ୍ତି; **ହିସାବ କରି ଦାନ କର ନାହିଁ, ନଚେତ୍ ଅଲ୍ଲାଃତାଲା ବି (ତୁମକୁ) ଗଣି ଗଣି ଦେବେ ।** ହୁଜୁର[ସ.ଅ] କହିଲେ, ଦାନଶୀଳ ବ୍ୟକ୍ତି ଅଲ୍ଲାଃଙ୍କ ନିକଟତର, ସ୍ୱର୍ଗର ନିକଟତର, ଲୋକମାନଙ୍କ ନିକଟତର ଓ ନରକାଗ୍ନି ଠାରୁ ଦୂରେଇ ରହିଥାଏ । ଅପରପକ୍ଷରେ କୃପଣ ବ୍ୟକ୍ତି ଅଲ୍ଲାଃ, ସ୍ୱର୍ଗ, ଲୋକମାନଙ୍କ ଠାରୁ ଦୂରରେ ରହିଥାଏ ଏବଂ ନରକାଗ୍ନିର ନିକଟତର ହୋଇଥାଏ । ବୈକୁଣ୍ଠରେ ପ୍ରତାରକ, କୃପଣ ଓ ଉପକାର କରି ସେହି ଉପକାର ବ୍ୟକ୍ତ କରିବା ଅହଂକାରୀ ପ୍ରବେଶ କରିପାରିବ ନାହିଁ । ଜଣେ ସଚ୍ଚୋଟ ବିଶ୍ୱାସକାରୀ ସରଳ ଓ ଦାନଶୀଳ ହୋଇଥାଏ, ଅଥଚ ପାପୀ ବ୍ୟକ୍ତି ପ୍ରତାରକ ଓ ନୀଚ ପ୍ରବୃତ୍ତିର ହୋଇଥାଏ ।

ଏକଦା ନବୀଶିରୋମଣୀ ଉପଦେଶ ପୂର୍ବକ କହିଲେ; ହେ ଆଦମ୍‌ଙ୍କ ସନ୍ତାନ ! ଆବଶ୍ୟକତା ଠାରୁ ଅଧିକ ଥିବା ସମ୍ପତ୍ତିକୁ ଖର୍ଚ୍ଚ କରିବା ତୁମ ପାଇଁ ମଙ୍ଗଳମୟ । ତାହାକୁ ଅଟକାଇ ରଖିବା ତୁମ ପାଇଁ କ୍ଷତିକାରକ, କିନ୍ତୁ ହଁ ଆବଶ୍ୟକତା ଅନୁଯାୟୀ ଅଟକାଇ ରଖିବାରେ ତୁମର ଦୋଷ ହେବ ନାହିଁ । ତୁମେ ପ୍ରଥମେ ତାଙ୍କ ଠାରୁ ଆରମ୍ଭ କର ଯାହାର ଭରଣପୋଷଣ ଦାୟିତ୍ୱ ତୁମ ଉପରେ ନ୍ୟସ୍ତ ରହିଛି । ଜାଣିରଖ ଉପର ହାତ ଅର୍ଥାତ୍ ଦାନ କରୁଥିବା ହାତ ତଳ ହାତ ଠାରୁ ସର୍ବଦା ଶ୍ରେୟସ୍କର । ଥରେ ମହାଭାଗ ହଜରତ ବିଲାଲ୍[ର.ଅ]ଙ୍କ ନିକଟକୁ ଆସିଲେ, ତାଙ୍କ ପାଖରେ ଖଜୁରୀର ଏକ ଗଦା ଜମା ହୋଇ ରହିଥିଲା ଯାହା ସେ ନବୀ[ସ.ଅ] ଓ ତାଙ୍କର ଅତିଥିମାନଙ୍କ ସକାଶେ ସଂଚୟ କରି ରଖିଥିଲେ । ତାହାକୁ ଦେଖି ମହାଭାଗ ବିଲାଲ୍[ର.ଅ]ଙ୍କୁ ସମ୍ବୋଧନ କରି କହିଲେ; ତୁମେ କ'ଣ ଏହାକୁ ଭୟ କରୁ ନାହଁ, ଯେ ଏହି ଗଚ୍ଛିତ ସମ୍ପଦ ଯୋଗୁଁ ନରକର ପ୍ରଜ୍ୱଳିତ ଉତ୍ତପ୍ତ ଶିଖା ତୁମ ପାଖକୁ ଆସିଯିବ ? ପୁନଶ୍ଚ ହୁଜୁର[ସ.ଅ] କହିଲେ; ହେ ବିଲାଲ୍ ! ବ୍ୟୟ କରିଚାଲ । ସକଳ ବ୍ରହ୍ମାଣ୍ଡର ପ୍ରଭୁ (ଅଲ୍ଲାଃ) ଥାଉ ଥାଉ ଦାରିଦ୍ର ବା ଅଭାବକୁ ଭୟ କର ନାହିଁ ।

ଏକଦା ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କହିଲେ; ମୁଁ ତ କେବଳ ବର୍ଣ୍ଟନ କରୁଥିବା ବ୍ୟକ୍ତି, ନଚେତ୍ ପ୍ରକୃତପକ୍ଷେ ଦାତା ତ ସେହି ନିରାକାର ଓ ଚିରଞ୍ଜୀବୀ ଅଲ୍ଲାଃ । ଉଦାରତା ଓ ଦାନଶୀଳତାର ଏହି ଗୁଣ ପୁରୁଷୋତ୍ତମଙ୍କ ଠାରେ ଅବତାରତ୍ୱ ପ୍ରାପ୍ତି ପୂର୍ବରୁ ହିଁ ବିଦ୍ୟମାନ ଥିଲା, ଯାହାର ପ୍ରମାଣ ଆମେ ହଜରତ ଖଦିଜାଃ[ର.ଅ]ଙ୍କ ସେହି ବକ୍ତବ୍ୟରୁ ପାଇଥାଉ ଯାହା ସେ ପ୍ରଥମ ଦୈବିବାଣୀ ଅବତରଣ ହେବା ସମୟରେ ସାକ୍ଷ୍ୟ ଦେଇଥିଲେ । ସେ କହିଥିଲେ; ମହାଭାଗ ଆପଣ କାହିଁକି ବ୍ୟତିବ୍ୟସ୍ତ ହେଉଛନ୍ତି । ଅଲ୍ଲାଃଙ୍କ ରାଣ ! ସେହି ପରମ ସତ୍ତା କଦାପି ଆପଣଙ୍କୁ ଅପମାନିତ କରିବେ ନାହିଁ । ଆପଣ ନିଜ ପରିଜନମାନଙ୍କ ସହ ସୁସମ୍ପର୍କ ରଖନ୍ତି, ଅସହାୟ ଲୋକମାନଙ୍କ ଭାର ବହନ କରନ୍ତି, ସେହିସବୁ ସତ୍‌କର୍ମ ସମ୍ପାଦନ କରୁଛନ୍ତି ଯାହାକି ଜଗତରୁ ବିଲୁପ୍ତ ହୋଇଯାଇଛି, ଅତିଥି ସତ୍କାର କରନ୍ତି ଏବଂ ପ୍ରକୃତ ସଙ୍କଟ ସମୟରେ (ଲୋକମାନଙ୍କର) ସାହାଯ୍ୟ କରନ୍ତି ।

ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] କହିଛନ୍ତି; ଜଣେ ବିଶ୍ୱାସକାରୀଙ୍କ ମଧ୍ୟରେ ଦୁଇଟି ଅଭ୍ୟାସ କସ୍ମିନ କାଳେ ଏକତ୍ର ରହିପାରିବ ନାହିଁ । **ଗୋଟିଏ କୃପଣତା ଓ ଅନ୍ୟଟି ମନ୍ଦ ଆଚରଣ** । ପୁଣ୍ୟଶ୍ଳୋକ କହିଲେ; ଅନ୍ୟାୟ ଓ ଅତ୍ୟାଚାର କରିବାରୁ ବର୍ତ୍ତି ରୁହ, କୃପଣତା ଓ ଲୋଭରୁ ଦୂରେଇ ରୁହ । ନିଶ୍ଚିତ ରୂପେ କୃପଣତା ତୁମ ପୂର୍ବର ଲୋକମାନଙ୍କର ସର୍ବନାଶ କରିଦେଇଛି । କୌଣସି ବ୍ୟକ୍ତିର ହୃଦୟରେ ଲୋଭ, କୃପଣତା ଏବଂ ଈଶ୍ୱର ବିଶ୍ୱାସ ଏକାଠି ରହିପାରିବ ନାହିଁ ।

ହଜରତ ଅନସ୍[ର.ଅ] ବର୍ଣ୍ଣନା କରନ୍ତି; ପବିତ୍ର ଅବତାର ସମସ୍ତ ଲୋକମାନଙ୍କ ମଧ୍ୟରେ ଅତ୍ୟଧିକ ସୁନ୍ଦର, ସର୍ବାଧିକ ଦାନଶୀଳ ଓ ସବୁଠାରୁ ଅଧିକ ସାହାସୀ ଥିଲେ । ହୁଜୁର[ସ.ଅ] ଆହୁରି କହିଛନ୍ତି; ଅଲ୍ଲାଃ ସମସ୍ତ

ଉଦାର ବ୍ୟକ୍ତିଙ୍କ ଠାରୁ ଅଧିକ ଦାନଶୀଳ ଓ ମୁଁ ମାନବଜାତି ମଧ୍ୟରେ ସବୁଠାରୁ ବଡ ଦାନୀ । ବର୍ଣ୍ଣିତ ରହିଛି, ପବିତ୍ର ଅବତାର ରମଜାନ ମାସରେ ଅତ୍ୟଧିକ ଦାନଧ୍ୟାନ ତଥା ସାହାଯ୍ୟ କରୁଥିଲେ ଏବଂ ଦୟା ଓ ପୁଣ୍ୟ କାର୍ଯ୍ୟରେ ପୁଣ୍ୟଶ୍ଳୋକ ପ୍ରବଳ ଝଡ ଠାରୁ ବି ଅଧିକ ତୀବ୍ର ହୋଇଯାଉଥିଲେ । ହୁଜୁର[ସ.ଅ] କହୁଥିଲେ, **ଯଦି ମୋ ପାଖରେ ତିହାମା ପର୍ବତ ସମାନ ସୁନା ଥା'ନ୍ତା, ତେବେ ମୁଁ ସେସବୁ ତୁମମାନଙ୍କ ମଧ୍ୟରେ ବାଣ୍ଟି ଦେଇଥା'ନ୍ତି** । ତୁମେ ମୋତେ କେବେ ହେଲେ ମିଥ୍ୟାବାଦୀ କିମ୍ବା କୃପଣ ପାଇ ନଥାନ୍ତ । ମହାଭାଗ ଆହୁରି କହିଛନ୍ତି, ମୁଁ ଏହା ପସନ୍ଦ କରେ ନାହିଁ, ଯେ ମୋ ପାଖରେ ଓହୋଦ ପାହାଡ ସମାନ ସୁନା ଥାଉ ଓ ତୃତୀୟ ରାତି ବିତିଯାଉ, ଯେଉଁଥିରେ ସେଥିରୁ ଗୋଟିଏ ଦିନାର (ଟଙ୍କା) ମଧ୍ୟ ମୋ ପାଖରେ ବାକି ରହିଥାଉ, କେବଳ ସେତିକି ବ୍ୟତୀତ ଯାହା ମୁଁ କାହାର ଋଣ ପରିଶୋଧ କରିବା ପାଇଁ ରଖିଥିବି ।

ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କହିଲେ; ଯେଉଁମାନଙ୍କ ନିକଟରେ ପ୍ରଚୁର ଧନ ରହିଥିବା ସତ୍ତ୍ୱେ ସେମାନେ ଅଭାବୀ ଲୋକମାନଙ୍କ ସକାଶେ ଖର୍ଚ୍ଚ କରନ୍ତି ନାହିଁ, ସେମାନେ ହିଁ କୟାମତ ଦିନ ସବୁଠାରୁ ଦରିଦ୍ର ହେବେ । ଏକଦା ଜଣେ ବ୍ୟକ୍ତି ମହାଭାଗଙ୍କୁ ଦୁଇଟି ପାହାଡ଼ ମଧ୍ୟରେ ଥିବା ସମସ୍ତ ଛେଳି ମାଗିନେଲା । ହୁଜୁର[ସ.ଅ] ତାକୁ ସେହି ସମସ୍ତ ଛେଳି ଦାନ କରିଦେଲେ । ସେ ନିଜ ସମ୍ପ୍ରଦାୟ ପାଖକୁ ଫେରିଯାଇ କହିଲା; ହେ ଲୋକମାନେ ! ଇସଲାମ ଧର୍ମ ଗ୍ରହଣ କରିନିଅ । ଅଲ୍ଲାଃଙ୍କ ରାଣ ! ମୁହମ୍ମଦ[ସ.ଅ] ଏତେ ଅଧିକ ଦାନ କରୁଛନ୍ତି, ଯେ ଦାରିଦ୍ରର ଆଉ କୌଣସି ଭୟ ନାହିଁ । କେତେକ ସମୟରେ କୌଣସି ବ୍ୟକ୍ତି କେବଳ ସାଂସାରିକ ସ୍ୱାର୍ଥ ପାଇଁ ଇସଲାମ ଗ୍ରହଣ କରୁଥିଲା । **କିନ୍ତୁ ପରବର୍ତ୍ତୀ ସମୟରେ ତାହାକୁ ଇସଲାମ ଧର୍ମ ସାରା ଜଗତର ସମସ୍ତ ସୁଖ ସମ୍ପତ୍ତି ଠାରୁ ଅଧିକ ପ୍ରିୟ ମନେ ହେଉଥିଲା** ।

ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ଆସନ୍ତା କାଲି ପାଇଁ କୌଣସି ଜିନିଷ ସଞ୍ଚୟ କରି ରଖୁ ନଥିଲେ । ଥରେ ନବୀ କରିମ୍[ସ.ଅ] **ଅସର୍ ନମାଜ** ପଢାଇବା ପରେ ଶୀଘ୍ର ନିଜ ଘରକୁ ଗଲେ ଓ ତୁରନ୍ତ ବାହାରକୁ ଆସିଲେ । ପଚାରିବାରୁ ମହାଭାଗ କହିଲେ, ମୁଁ **ସଦ୍କା**ରେ ଦେବାକୁ ଥିବା ସୁନାର ଏକ ଖଣ୍ଡ ଘରେ ଛାଡ଼ି ଆସିଥିଲି । ଆଉ ମୁଁ ପସନ୍ଦ କଲି ନାହିଁ, ଯେ ସାରା ରାତି ତାହା ମୋ ନିକଟରେ ରହିଯାଉ । ତେଣୁ ମୁଁ ଏହାକୁ ବଣ୍ଟନ କରିଦେଲି ।

ହଜରତ ଉମ୍ମେ ସଲ୍‌ମା ବର୍ଣ୍ଣନା କରିଛନ୍ତି, ଥରେ ନବୀ କରିମ୍[ସ.ଅ] ମୋ ପାଖକୁ ଆସିଲେ ସେତେବେଳେ ମହାଭାଗଙ୍କ ପବିତ୍ର ମୁଖର ରଙ୍ଗ ବଦଳି ଯାଇଥିଲା । ମୁଁ ଭାବିଲି ବୋଧ ହୁଏ କୌଣସି ଯନ୍ତ୍ରଣା ବା ଅସୁସ୍ଥତା ଯୋଗୁଁ ଏମିତି ହୋଇଥିବ । ମୁଁ ଅନୁରୋଧ ପୂର୍ବକ ପଚାରିଲି ହେ ଅଲ୍ଲାଃଙ୍କ ରସୁଲ ! କ'ଣ ମହାଭାଗଙ୍କୁ କୌଣସି କଷ୍ଟ ହୋଇଛି ? ହୁଜୁର[ସ.ଅ] ଉତ୍ତର ଦେଲେ ନା, ବରଂ ସେହି ସାତଟି **ଦିନାର୍** (ରାଶି) ସକାଶେ ଯାହା ଆମ ପାଖକୁ ସନ୍ଧ୍ୟା ସମୟରେ ଆସିଥିଲା ଏବଂ ରାତି ବିତିଗଲା ପରେ ବି ଆମେ ତାହାକୁ ଖର୍ଚ୍ଚ (ଅର୍ଥାତ୍ ଦାନ) କରିପାରିଲୁ ନାହିଁ । ମୁଁ ତାହାକୁ ବିଛଣାର ଏକ କୋଣରେ ଭୁଲି ଯାଇଥିଲି, ଯେତେବେଳେ ମୋର ମନେ ପଡିଲା, ମୋତେ ଭୀଷଣ କଷ୍ଟ ହେଲା ।

ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କର ଏପରି ସ୍ଥିତି ଥିଲା, ଯେ ମହାଭାଗ ପାଖରେ ଯାହା କିଛି ଥାଉନା କାହିଁକି ହୁଜୁର ସେସବୁ ଦାନ କରି ଦେଉଥିଲେ । ଦେଖ ଆମ ପ୍ରିୟ ମୁନିବ ଅତ୍ୟନ୍ତ ଲଜ୍ଜାଶୀଳ ଓ ବିନମ୍ର ସ୍ୱଭାବୀ ଥିଲେ । ଯେତେବେଳେ ବି କେହି କିଛି ମହାଭାଗଙ୍କୁ ମାଗୁଥିଲା, ପୁଣ୍ୟଶ୍ଳୋକ ତାହା ପ୍ରଦାନ କରି ଦେଉଥିଲେ । ଦାନ କରିବା ପ୍ରସଙ୍ଗରେ ମହାଭାଗ ସମସ୍ତ

ଲୋକମାନଙ୍କ ଠାରୁ ଅଧିକ ଉଦାର ଥିଲେ । ଥରେ ହୁଜୁର[ସ.ଅ]ଙ୍କ ନିକଟକୁ ସତୁରି ହଜାର **ଦିରହମ୍** (ରାଶି) ଆସିଲା । ସେହି ଧନକୁ ଚଟାଣ ଉପରେ ରଖାଗଲା ଓ ମହାଭାଗ ତାହାକୁ ବାଣ୍ଟିବା ନିମନ୍ତେ ଛିଡ଼ା ହେଲେ ଏବଂ ଏପରି କୌଣସି ମାଗିବା ଲୋକ ଆସି ନାହିଁ, ଯାହାକୁ ମହାଭାଗ ଖାଲି ହାତରେ ଫେରାଇଛନ୍ତି । ଏପରିକି ମହାଭାଗ ସମସ୍ତ ସମ୍ପତ୍ତି ବଣ୍ଟନ କରିଦେଲେ ।

ବର୍ଣ୍ଣିତ ରହିଛି, ଏକଦା ହଜରତ ଉସମାନ[ର.ଅ] ଅଙ୍ଗୁରର ଏକ ପେଟ୍ଟା ହଜରତ ମୁହମ୍ମଦ[ସ.ଅ]ଙ୍କୁ ଉପହାର ସ୍ୱରୂପ ଦେଲେ । ଏହା ମଧ୍ୟ କୁହାଯାଏ ଯେ ତାହା ଖଜୁରୀର ଏକ ପେଟ୍ଟା ଥିଲା, ଗୋଟିଏ ସ୍ଥାନରେ ଅଙ୍ଗୁର ଓ ଅନ୍ୟ ସ୍ଥାନରେ ଖଜୁରୀ ଉଲ୍ଲେଖ ରହିଛି । ସେ ଯାହା ହେଉ କୁହାଯାଏ ଯେ ଜଣେ ଭିକ୍ଷୁକ ଆସିଲା ଏବଂ ହୁଜୁର[ସ.ଅ] ତାହାକୁ ସେହି ପେଟ୍ଟାଟିକୁ ପ୍ରଦାନ କରିଦେଲେ । କିନ୍ତୁ ହଜରତ ଉସମାନ[ର.ଅ] ତାକୁ ଏକ **ଦିରହମ୍** ଦେଇ କିଣି ଆଣିଲେ (ସମ୍ଭବତଃ ତାହା ଉତ୍ତମ ଅବା କୌଣସି ସ୍ୱତନ୍ତ୍ର କିସମର ହୋଇଥିବ) ଏବଂ ପୁଣି ଥରେ ତାହାକୁ ମହାଭାଗଙ୍କ ସେବାରେ ଉପସ୍ଥାପନ କଲେ । ଏହାପରେ ସେହି ଭିକ୍ଷୁକ ମହାଭାଗଙ୍କ ନିକଟକୁ ପୁନର୍ବାର ଚାଲି ଆସିଲା, ତେଣୁ ହୁଜୁର[ସ.ଅ] ତାହା ତାକୁ ଦେଇଦେଲେ । ଏପରି ତିନିଥର ଘଟିଲା । ହଜରତ ଉସମାନ କିଣି ହୁଜୁର[ସ.ଅ]ଙ୍କୁ ଭେଟି ସ୍ୱରୂପ ଦେଉଥିଲେ ଏବଂ ସେହି ଭିକ୍ଷୁକ ଜଣକ ଆସି ମାଗୁଥିଲା । ଆଉ ହୁଜୁର[ସ.ଅ] ତାହାକୁ ପ୍ରଦାନ କରି ଦେଉଥିଲେ । ଶେଷରେ ପୁଣ୍ୟଶ୍ଳୋକ ସେହି ଭିକ୍ଷୁକ ବ୍ୟକ୍ତିକୁ ଅତି କୋମଳ ସ୍ୱରରେ କହିଲେ; ହେ ଅମୁକ ବ୍ୟକ୍ତି ! ତୁମେ ଜଣେ ଭିକ୍ଷୁକ, ନା ଜଣେ ବ୍ୟବସାୟୀ ? କାରଣ ମାଗିବା ବ୍ୟକ୍ତି ତ ଏପରି କରନ୍ତି ନାହିଁ । ତୁମେ ତ ଏହା ଦ୍ୱାରା ଦିରହମ୍ ରୋଜଗାର କରୁଛ ଓ ଏହାକୁ ଏକ ବ୍ୟବସାୟ କରି ନେଇଛ । ଦେଖ ହୁଜୁର[ସ.ଅ] ତାହାକୁ ବାରଣ କଲେ ନାହିଁ, **ବରଂ ଅତି ବୁଦ୍ଧିମତା ଶୈଳୀରେ ଉପଦେଶ ଦେଲେ, ଯେ ତୁମେ ଯାହା କରୁଛ ତାହା ଉଚିତ୍ ନୁହେଁ ।**

ହଜରତ ଅବ୍ଦୁଲ୍ଲାଃ ବିନ୍ ସଲାମ୍‌ଙ୍କ ପ୍ରସଙ୍ଗରେ ହଜରତ ଜୈଦ୍ ବିନ୍ ସନା[ର.ଅ]ଙ୍କ ଇସଲାମ୍ ଧର୍ମ ଗ୍ରହଣ କରିବାର ଘଟଣା ବର୍ଣ୍ଣନା କରିବା ପରେ ମହାମହିମ ହୁଜୁର ଅନୱର[ଅ.ବ] କହିଲେ; ଏହା ହିଁ ନବୀଶ୍ରେଷ୍ଠଙ୍କ ଉତ୍ତମ ଚରିତ୍ର ଯେ କେବଳ ଋଣ ନେଇ ଏକ ସମ୍ପ୍ରଦାୟକୁ ଭୋକରୁ ରକ୍ଷା କଲେ ନାହିଁ, **ବରଂ ନିଜର ମହାନ ଆଦର୍ଶ ଦ୍ୱାରା ଜଣେ ୟହୁଦି ପଣ୍ଡିତକୁ ମଧ୍ୟ ମୁସଲମାନ କରିଦେଲେ ।**

اللهم صلى على محمد وعلى ال محمد وبارك وسلم انك حميد مجيد۔

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଊଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

✲✲✲ ✲✲✲ ✲✲✲

Khulasa Khutba Juma Huzoor Anwar a.b.a

12th June 2026

*Translated to Odia by :* Moulavi Anwar Ahmad Khan